# CSM – 1/20

# Compulsory Paper – I

# Odia Language

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates shouid attempt **all** questions.*

*Answer must be written in **Odia**.*

1. ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ ପ୍ରାୟ **ଏକ ହଜାର** ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

   (କ) ସାମ୍ପ୍ରତିକ ରାଜନୀତିରେ ସଂସ୍କାରର ଆବଶ୍ୟକତା

   (ଖ) ଧର୍ମ, ସମ୍ପ୍ରଦାୟ ଓ ବିଦ୍ୱେଷଭାବ

   (ଗ) ପ୍ରଥମେ ଶରୀର ଓ ଦ୍ୱିତୀୟରେ ଧର୍ମସାଧନା

   (ଘ) ଅନ୍ନଦାତାର ଦୁରବସ୍ଥା ଦୂରୀକରଣ ଓ ଜାତୀୟ କୃଷିନୀତି

2. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି** ରଢ଼ିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର : 15

   (କ) ଅକାଳ କୁଷ୍ମାଣ୍ଡ

   (ଖ) ଆକାଶ କୁସୁମ



www.freshersnow.com

(ଗ) କଟାଘା'ରେ ଚୂନ ଦେବା

(ଘ) ଉଷୁନା ଧାନ ଗଜାହେବା

(ଙ) କଳାକନା ବୁଲେଇବା

(ଚ) ମହରଗରୁ ଯାଇ କାନ୍ତାରରେ ପଡ଼ିବା

(ଛ) କଙ୍କଡ଼ାକୁ ଗୋଳିପାଣି ସୁହାଏ

3. ନିମ୍ନଲିଖିତ ବିଶେଷୋକ୍ତିଗୁଡ଼ିକରୁ ଯେକୌଣସି **ଦୁଇଟିର** ପ୍ରତ୍ୟେକକୁ ଏକଶହ ଶବ୍ଦ ମଧ୍ୟରେ ବ୍ୟାଖ୍ୟାକର : 20

(କ) ଝିମିଟି ଖେଳରୁ ମହାଭାରତ

(ଖ) ବୋଝ ଉପରେ ନଳିତା ବିଡ଼ା

(ଗ) ଆପଣା ହାତ ଜଗନ୍ନାଥ

(ଘ) ଉଆଁସୀ କନିଆକୁ ଅଳପାୟୁଷା ବର

(ଙ) ଆଗତ କୁହାକୁ ବେସର ବଟା

(ଚ) ଆଲୋସଖି, ଆପଣା ମହତ ଆପେ ରଖି

(ଛ) ଅରକ୍ଷିତକୁ ଦଇବ ସାହା

4. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟିକୁ** ଏକପଦରେ ପ୍ରକାଶ କର : 15

(କ) ମାତାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ

(ଖ) ଜାତ ହୋଇନାହିଁ ଶତ୍ରୁ ଯାହାର

(ଗ) ଜାଣିବାର ଇଚ୍ଛା

(ଘ) ନୀଳ ଅଟେ ଉତ୍ପଳ



www.freshersnow.com

(ଙ) ଜଳକୁ ଦାନ କରେ ଯେ

(ଚ) କ୍ଷଣକାଳ ବ୍ୟାପୀ ସ୍ଥାୟୀ

(ଛ) ବନରେ ବିଚରଣ କରେ ଯେ

5. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ ପାଞ୍ଚଟିର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ଅଂଶ – ଅଂସ

(ଖ) ଶାନ୍ତ – ସାନ୍ତ

(ଗ) ସୁନାରି – ସୁନାରୀ

(ଘ) ଦିନ – ଦୀନ

(ଙ) ଲକ୍ଷ – ଲକ୍ଷ୍ୟ

(ଚ) ଜାତ – ଯାତ

(ଛ) ଓଡ଼ିଆଣି – ଓଡ଼ିଆଣୀ

6. ନିମ୍ନଲିଖିତ ଯେକୌଣସି ପାଞ୍ଚଟି ଶବ୍ଦର ଅର୍ଥ ଲେଖି ବାକ୍ୟ ଗଠନ କର : 10

(କ) ଅନଙ୍ଗ

(ଖ) କୃପାଣ

(ଗ) ଗ୍ରୀବା

(ଘ) କୋତରା

(ଙ) ଅଝଟ

(ଚ) ଆଟିକା

(ଛ) ଜନ୍ତାଳ



www.freshersnow.com

7. ନିମ୍ନଲିଖିତ ଯେକୌଣସି ପାଞ୍ଚଟି ଶବ୍ଦର ବିପରୀତାର୍ଥ ଶବ୍ଦ ଲେଖି ବାକ୍ୟ ଗଠନ କର : 10

(କ) ଅଜ୍ଞ

(ଖ) ଆୟତ

(ଗ) ମାନ

(ଘ) ନାସ୍ତିକ

(ଙ) ନିରଳସ

(ଚ) ସ୍ଥାପନ

(ଛ) ପ୍ରତିଲୋମ

8. ନିମ୍ନଲିଖିତ ଯେକୌଣସି ପାଞ୍ଚଟି ଶବ୍ଦର ଗୋଟିଏ ଲେଖାଏଁ ସମାର୍ଥବୋଧକ ଶବ୍ଦ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ଓଠ

(ଖ) କେଶ

(ଗ) ପଙ୍ଗୁ

(ଘ) ରାକ୍ଷସ

(ଙ) ରାତି

(ଚ) ଦୂତ

(ଛ) କାଳର



www.freshersnow.com

9. ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୌଣସି ପାଞ୍ଚଗୋଟିର ସମସ୍ତପଦ ଲେଖ : 10

(କ) ନ ଅତିଦୂର

(ଖ) ଜ୍ଞାନ ରୂପକ ଆଲୋକ

(ଗ) ବାରିଜ ପରି ଅକ୍ଷି ଯାହାର ସେ

(ଘ) କୁଳର ଅଙ୍ଗାର

(ଙ) ମଧୁ ପାନ କରେ ଯେ ସେ

(ଚ) ଜନ୍ମରୁ ଅନ୍ଧ

(ଛ) ବନ ଜାତ ଅଗ୍ନି

10. ନିମ୍ନ ପରିଚ୍ଛେଦଟିକୁ ପାଠକରି ପରିଚ୍ଛେଦ ଶେଷରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 30

ବିଗତ ଦିନମାନଙ୍କୁ ନେଇ ବିଚାରକଲେ, ଦେଖାଯିବ ଯେ ଓଡ଼ିଶାରେ ଲଳିତକଳାର ଉଲ୍ଲେଖଯୋଗ୍ୟ ଅଗ୍ରଗତି ଘଟିଛି । କଳାକେନ୍ଦ୍ର, ରେଡ଼ିଓକେନ୍ଦ୍ର ଓ କଳା କଲେଜମାନ ସ୍ଥାପିତହେବା ପରେ ଓଡ଼ିଶାର ଚିର-ଅବହେଳିତ ଲଳିତକଳା ନୂତନ ଜୀବନ ଲାଭ କରିଛି । ଏକ୍ଷେତ୍ରରେ ସର୍ବଶ୍ରେଷ୍ଠ ଉଲ୍ଲେଖଯୋଗ୍ୟ ଘଟଣା ଏହି ଯେ ଓଡ଼ିଶୀନୃତ୍ୟ କେବଳ ଓଡ଼ିଶାରେ ହିଁ ସୀମାବଦ୍ଧ ହୋଇଥିଲା; ତାହା ଶାସ୍ତ୍ରୀୟ ନୃତ୍ୟରୂପେ ଭାରତର ସର୍ବତ୍ର ସମ୍ମାନିତ ହୋଇ ବିଦେଶରେ ମଧ ସମ୍ମାନ ଲାଭ କରିପାରିଛି । ଓଡ଼ିଶୀନୃତ୍ୟର ଅଭୂତପୂର୍ବ ବିଜୟ ପାଇଁ ଯେଉଁ କଳାକାରମାନେ ଦାୟୀ, ସେମାନେ ଏ ଦେଶର ନମସ୍ୟ । ଓଡ଼ିଆ ସିନେମା ଓ ରଙ୍ଗମଞ୍ଚ ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିପାରି



www.freshersnow.com

ନାହିଁ । ଏହାର ଗୋଟାଏ ପ୍ରଧାନ କାରଣ ଏହି ଯେ ଓଡ଼ିଆମାନଙ୍କ ସହଜବୋଧ ବଙ୍ଗଳା ଓ ହିନ୍ଦୀ ସିନେମା ଓଡ଼ିଆ ସିନେମାର କଣ୍ଠରୋଧ କରୁଛି ।

ପ୍ରତିଭା-ପୂଜା ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଯେଉଁ ଜାତି ପ୍ରତିଭା-ପୂଜା କରିଜାଣେ ନାହିଁ, ତାର ସଂସ୍କୃତି ଉନ୍ନତ ହୋଇପାରେ ନାହିଁ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ପ୍ରତିଭା-ପୂଜା ଯେଉଁ ଆକାର ଧାରଣ କରିଛି, ତାହା ଅନୁଧ୍ୟାନ କଲେ ବିସ୍ମିତ ହେବାକୁ ପଡ଼େ । ଓଡ଼ିଆମାନେ ପ୍ରଶଂସା କରିବାରେ କିମ୍ବା ନିନ୍ଦା କରିବାରେ ସହସ୍ରଜିହ୍ୱ ହୋଇପାରନ୍ତି, କିନ୍ତୁ ପ୍ରତ୍ୟେକ ପ୍ରତିଭାର ପ୍ରକୃତମୂଲ୍ୟ ଅବଧାରଣ କରିବା ପାଇଁ ଯେଉଁ ଅନୁସନ୍ଧାନ, ଅନୁଶୀଳନ, ପରିଶ୍ରମ ଓ ସତ୍ୟାଶ୍ରୟୀ ସମତା ଆବଶ୍ୟକ, ସେଥିରୁ କୌଣସିଟିକୁ ଅବଲମ୍ବନ କରନ୍ତି ନାହିଁ । କୌଣସି ବିଶିଷ୍ଟବ୍ୟକ୍ତି ମରିଗଲେ ଅନେକ ଲେଖକ ଓ ଅଲେଖକଙ୍କୁ ମୃତବ୍ୟକ୍ତିଙ୍କ ଅଜସ୍ର ପ୍ରଶଂସା କରିବା ମାଧ୍ୟମରେ ଆଶୁ ଆତ୍ମ ପ୍ରଚାରର ଅବକାଶ ମିଳିଯାଏ; ଅଥଚ ଏହି ଲେଖକ ଓ ଅଲେଖକମାନେ ମୃତବ୍ୟକ୍ତିଙ୍କ କୃତିତ୍ୱର କିୟଦଂଶ ସୁଦ୍ଧା ଅଧ୍ୟୟନ ବା ଅନୁଶୀଳନ କରନ୍ତି ନାହିଁ । ଶସ୍ତାରେ ନାମ କମାଇବାରେ ଯେତେ ରକମ ଉପାୟ ଅଛି, ସେ ସମସ୍ତ ଉପାୟ ଓଡ଼ିଆମାନଙ୍କୁ ଭଲଭାବରେ ଜଣା । ଓଡ଼ିଆମାନେ ସ୍ୱ ଇତିହାସ ସମ୍ବନ୍ଧରେ ସଂପୂର୍ଣ୍ଣ ଅଚେତନ ରହିଥିବାରୁ ପୂର୍ବସୂରୀମାନଙ୍କ ମଧ୍ୟରୁ କେବଳ କେତେକ କବିଙ୍କ ପ୍ରତିଭା ହିଁ ସେମାନଙ୍କ ଆଖିରେ ପଡ଼ିଥାଏ; କିନ୍ତୁ ସେମାନେ ଏହି କବି ପ୍ରତିଭାର ମଧ୍ୟ ଯଥାର୍ଥ ବିଶ୍ଳେଷଣ କରନ୍ତି ନାହିଁ । ଭାବପ୍ରବଣତା, ପ୍ରଶଂସାମୁଖରିତା ଓ ଅତିଭୌତିକତା ସାହାଯ୍ୟରେ ସେମାନେ କବିପ୍ରତିଭାର ମୂଲ୍ୟାବଧାରଣ କରିଥାନ୍ତି ।



www.freshersnow.com

ସାରଳା ଦାସ ସାରଳା ଦେବୀଙ୍କ ପ୍ରସାଦରେ, ଉପେନ୍ଦ୍ର ଭଞ୍ଜ ରାମତାରକ ମନ୍ତ୍ର ବଳରେ, ଗୋପାଳକୃଷ୍ଣ ରାଧାକୃଷ୍ଣଙ୍କୁ ପୂଜିବା ପରେ ଓ ବଳଦେବ ରଥ ଇଷ୍ଟଦେବୀଙ୍କ ସ୍ତନ୍ୟପାନ କରିବା ପରେ ସେମାନଙ୍କ ଠାରେ ଦିବ୍ୟକବିତ୍ୱ ଆବିର୍ଭୂତ ହୋଇଥିଲା ବୋଲି ଆଜି ଯଦି କୁହାଯାଏ, ତେବେ ଏ ଯୁକ୍ତିବାଦୀ ସଭ୍ୟଜଗତର ଲୋକେ ତାହା ମାନିନେବେ ନାହିଁ । ସହସ୍ର ହାଣ୍ଡିକୁ ଗୋଟାଏ ଠେଙ୍ଗାରେ ଭାଙ୍ଗିବା ରୀତିରେ, ସମସ୍ତ ପ୍ରତିଭାକୁ ଅତିଭୌତିକତା ସାହାଯ୍ୟରେ ବିଶ୍ଳେଷଣ କରିବାର ଯୁଗ ବହୁ ଦିନରୁ ଚାଲିଗଲାଣି, କିନ୍ତୁ ଓଡ଼ିଶାରେ ତାହା ବର୍ତ୍ତମାନ ସୁଦ୍ଧା ଚାଲିଛି । ଏହା ଏକ ସହଜପନ୍ଥା ; ଏଣୁ ସହଜପନ୍ଥୀ ଓଡ଼ିଆମାନେ ଏହାକୁ ଅଦ୍ୟାପି ଅବଲମ୍ବନ କରୁଛନ୍ତି ।

**ପ୍ରଶ୍ନାବଳୀ :**

(କ) ଲଳିତକଳା କ୍ଷେତ୍ରରେ ଓଡ଼ିଶାର ସର୍ବଶ୍ରେଷ୍ଠ ଉଲ୍ଲେଖଯୋଗ୍ୟ ଘଟଣା କ'ଣ ? କାହିଁକି ଏହା ଏପରି ସମ୍ମାନର ଅଧିକାରୀ ?

(ଖ) ଓଡ଼ିଆ ସିନେମା ଓ ରଙ୍ଗମଞ୍ଚ କାହିଁକି ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିପାରି ନାହିଁ ?

(ଗ) ଓଡ଼ିଆ ପ୍ରତିଭା-ପୂଜାକୁ ଅନୁଧ୍ୟାନ କଲେ କାହିଁକି ବିସ୍ମିତ ହେବାକୁ ପଡ଼େ ?

(ଘ) ଅତିଭୌତିକତା କବିପ୍ରତିଭାର କିପରି ଅବମୂଲ୍ୟାୟନ କରିଥାଏ ?

(ଙ) ଆଶୁ ଆତ୍ମପ୍ରଚାରର ସହଜ ମାର୍ଗଟି କ'ଣ ?



www.freshersnow.com

11. ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ନିଜ ଭାଷାରେ ପ୍ରାୟ ଏକତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ । ଏହାର ଏକ ନାମ ପ୍ରଦାନ କର, ଶେଷରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କର : 40

ପିତାମାତା, ପୁତ୍ରକନ୍ୟା, ଭ୍ରାତାଭଗିନୀ ନେଇ ପରିବାର ସଙ୍ଗଠିତ । ପରିବାର ପରିସ୍ଥିତିରେ ଏ ସମସ୍ତଙ୍କର ସ୍ଥାନ ଓ କର୍ମ ରହିଅଛି । ଭ୍ରାତାଭଗିନୀଙ୍କର ପରସ୍ପର ପ୍ରତି ସ୍ନେହମମତା, ପିତାମାତାଙ୍କର ପୁତ୍ରକନ୍ୟା ପ୍ରତି ପ୍ରେମ ବାତ୍ସଲ୍ୟ ଓ ପୁତ୍ରକନ୍ୟାଙ୍କର ପିତାମାତାଙ୍କ ପ୍ରତି ଭକ୍ତି ଅନୁରାଗ ପାରିବାରିକ ଜୀବନକୁ ଆନନ୍ଦମୟ କରି ରଖିଥାଏ । ପାରିବାରିକ ସଂସାରରେ ହିଁ ସ୍ୱର୍ଗସୁଖର ଆଭାସ ମିଳେ । ବିବାହ ପରିବାରର ଭିତ୍ତି । ଯେଉଁଠାରେ ବୈବାହିକ ଜୀବନ ନାହିଁ, ସେଠାରେ ପରିବାର ନାହିଁ, ପ୍ରାଣିଗୋଷ୍ଠୀ ମାତ୍ର ଅଛି । ଯଦିଚ ପାରିବାରିକସମୂହ ବିବାହ ଉପରେ ପ୍ରତିଷ୍ଠିତ, ବୈବାହିକ ବନ୍ଧନ ନଥିଲେ ଯେ ପରିବାରରେ ସ୍ଥାନ ଥାଏ ନାହିଁ; ଏମନ୍ତ ନୁହେଁ । ବିବାହିତ, ଅବିବାହିତ, ବିବାହିତା, ଅବିବାହିତା ଏସମସ୍ତଙ୍କର ପରିବାରରେ ପ୍ରୟୋଜନ ରହିଅଛି । ବିବାହିତ ପ୍ରତି ସହଯୋଗ ଦେବା ଅବିବାହିତାର ପ୍ରଧାନ କାର୍ଯ୍ୟ । ଅବିବାହିତ ଜୀବନ ସ୍ୱାର୍ଥପର କି ବିଶୃଙ୍ଖଳ ନୁହେଁ, ଉଭୟ ଜୀବନ ଗୋଷ୍ଠୀ ନିୟମାନୁଗତ । ଦାମ୍ପତ୍ୟ ବନ୍ଧନ ଦାୟିତ୍ୱପୂର୍ଣ୍ଣ ଜୀବନ । ତାହା ପ୍ରାଣିସଙ୍ଗମଠାରୁ ସଂପୂର୍ଣ୍ଣରୂପେ ଭିନ୍ନ ଏବଂ ସେହିମାନେ କେବଳ ଏହି ଜୀବନ ପାଇଁ ଉପଯୁକ୍ତ, ଯେଉଁମାନେ ସେହି ଦାୟିତ୍ୱ ଗ୍ରହଣରେ ସମର୍ଥ । ବୈବାହିକ ବନ୍ଧନଭାବ ପ୍ରତିମାତ୍ରାର ବନ୍ଧନ ନୁହେଁ; ତାହା କର୍ମର ବନ୍ଧନ ଅଟେ । ପୁତ୍ରକନ୍ୟା ଜନ୍ମାଇ ସେମାନଙ୍କର ସଂରକ୍ଷଣ ସମ୍ବର୍ଦ୍ଧନ ଭାରବହନ କରି ପିତାମାତା ଯେପରି ନିଜ ନିଜର କର୍ତ୍ତବ୍ୟ ସାଧନରେ ନିଯୁକ୍ତ ରହନ୍ତି, ପୁତ୍ରକନ୍ୟାମାନେ ସେହିପରି ସଂସାର କାର୍ଯ୍ୟ ସମାଧାନ କରି



www.freshersnow.com

ସାଂସାରିକଧର୍ମ ସ୍ଥାୟୀ ରଖିଥାନ୍ତି । ପରିବାରରେ ସାବାଳକ ମନୁଷ୍ୟ ନାବାଳକର ଲାଳନପାଳନରେ, ନାବାଳକ ସାବାଳକର ସେବାତର୍ପଣରେ ନିଯୁକ୍ତ । ନାବାଳକର ଭାବୀକଲ୍ୟାଣ ସାବାଳକର ଯେପରି ଅହୋରାତ୍ର ଭାବନା, ସାବାଳକର ଆଦର୍ଶ ଉଦାହରଣ ନାବାଳକର ସେହିପରି ପ୍ରଧାନ ଆରାଧନା । ପାରସ୍ପରିକ ସ୍ନେହମମତା, ସାହାଯ୍ୟ ସହାନୁଭୂତି ପାରିବାରିକ ଜୀବନର ମୂଳମନ୍ତ୍ର । ପରିବାର ବିଶୁଦ୍ଧ କର୍ମାଧିକାରର, ବିଶୁଦ୍ଧ ପ୍ରେମଭକ୍ତିର କ୍ଷେତ୍ର ।

ଏବଂ ଏ ପ୍ରେମଭକ୍ତି, ଏ କର୍ତ୍ତବ୍ୟ ଜୀବିତ ମଧ୍ୟରେ ନିବଦ୍ଧ ନୁହେଁ, ଜୀବିତର କର୍ତ୍ତବ୍ୟ ଜୀବିତ ପ୍ରତି ପୁଣି ମୃତପ୍ରତି ବର୍ତ୍ତମାନ ପରିବାରର କାର୍ଯ୍ୟ ପୁରୁଷାନୁକ୍ରମେ ଲାଗିରହିଅଛି । ମୃତ୍ୟୁ ପରେ ଏକର କର୍ତ୍ତବ୍ୟ ଅନ୍ୟ ଉପରେ ନ୍ୟସ୍ତ ହେଉଅଛି । ପିତା ପରେ ପିତୃବ୍ୟ, ଭ୍ରାତା ପରେ ଭ୍ରାତା, ସ୍ୱାମୀ ପରେ ସ୍ତ୍ରୀ ଏହିପରି ଏକର ସ୍ଥାନ ଅନ୍ୟ ଅଧିକାର କରୁଅଛି । ଏତଦ୍ୱାରା କେବଳ ଯେ ଶୂନ୍ୟସ୍ଥାନରେ ଲୋକସମାଗମ ଘଟୁଅଛି ତାହା ନୁହେଁ; କାର୍ଯ୍ୟକ୍ରମର ନିରବଚ୍ଛିନ୍ନତା, ଅପୂର୍ଣ୍ଣ କାର୍ଯ୍ୟର ପରିପୂର୍ଣ୍ଣତା ସାଧିତ ହେଉଅଛି । ପୁଣି ମୃତବ୍ୟକ୍ତିର ଦୋଷଗୁଣ ଆମ୍ଭମାନଙ୍କର କାର୍ଯ୍ୟ ତତ୍ପରତା ତଥା କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବାରେ ସମଧିକ ସାହାଯ୍ୟ କରୁଅଛି । ଯେ ମୃତ, ସେ ଯଥାର୍ଥତଃ ମୃତ ନୁହେଁ । ସେ ଆମ୍ଭମାନଙ୍କ ଜୀବନ ଉପରେ ତାହାର ପ୍ରଭାବ ବିସ୍ତାରକରି ରହିଅଛି । ଏହି ହେତୁରୁ ଆମ୍ଭେମାନେ ପୂର୍ବପୁରୁଷଙ୍କର ଶ୍ରାଦ୍ଧତର୍ପଣ ଭକ୍ତି ସହକାରେ ସମ୍ପନ୍ନ କରିଥାଉ । ଏହିପରି ବିଦ୍ୟମାନ-ବିଦ୍ୟମାନର, ଅବିଦ୍ୟମାନ-ଅବିଦ୍ୟମାନର ସମ୍ବନ୍ଧରେ, ସାହଚର୍ଯ୍ୟ ପାରମ୍ପର୍ଯ୍ୟ ଉଭୟ ସମ୍ପର୍କରେ; ପାରିବାରିକ ଜୀବନ ଦୃଢୀଭୂତ ।



www.freshersnow.com

ପାରିବାରିକ ସ୍ନେହଭକ୍ତି ନିତ୍ୟ ପଦାର୍ଥ । ତାହା ପାରିବାରିକ ଜୀବନ ସହିତ ଏବଂ ତାହାର ନିତ୍ୟତା ପାରିବାରିକ ଧର୍ମଉପରେ ନିର୍ଭରକରେ । ଏହି ସତ୍ୟର ପ୍ରଣିଧାନ ଅଭାବରୁ ପାରିବାରିକ ଗଣ୍ଡଗୋଳ ଅନେକ ସମୟରେ ଘଟିଥାଏ । କନିଷ୍ଠ ବୟୋଜ୍ୟେଷ୍ଠ ଏମାନେ ପରସ୍ପରର ଆକର୍ଷଣ ପ୍ରତ୍ୟାକର୍ଷଣରେ ଏକ ପରିବାରଭୁକ୍ତ ହୋଇ ରହିଥାନ୍ତି । ଏଥି ମଧ୍ୟରୁ ଏକ ପକ୍ଷର କ୍ରିୟା ନଘଟିଲେ ଅନ୍ୟ ପକ୍ଷ ଅକ୍ରିୟ ହୋଇପଡ଼ନ୍ତି । ଏକ ଦିଗରେ ଭକ୍ତି ଥିଲେ ଅନ୍ୟ ଦିଗରେ ସ୍ନେହ, ଏକ ଦିଗରେ ସାହାଯ୍ୟ ଥିଲେ ସହଯୋଗ ଉଦ୍ରିକ୍ତ ହୁଏ । ଯେବେ ଭ୍ରାତୃଷ୍ପୁତ୍ରର ପିତୃବ୍ୟ ପ୍ରତି ଭକ୍ତି ନଥାଏ, ଯେବେ ପିତୃବ୍ୟ ସେବାରେ ତାହାର ତ୍ରୁଟିଘଟେ, ତେବେ ସେ ପିତୃବ୍ୟର ସେହି ସହାନୁଭୂତିରୁ ବଞ୍ଚିତ ହେବା କିଛି ବିଚିତ୍ର କଥା ନୁହେଁ । ଯେ ନିଜର କର୍ତ୍ତବ୍ୟ ସମ୍ପାଦନ ନକରି ଅନ୍ୟର କର୍ତ୍ତବ୍ୟ ପ୍ରତି ଅପେକ୍ଷା ରଖେ, ସେ ପ୍ରାକୃତିକ ନିୟମର ବିରୋଧରେ ଗତିକରେ । ପାରିବାରିକ ଦାବି ଜନ୍ମଗତ ନୁହେଁ ; ତାହା କର୍ତ୍ତବ୍ୟ ମୂଳକ । କର୍ତ୍ତବ୍ୟ ପରାଙ୍ମୁଖ ଲୋକ ଦାବିଦାର ହୋଇନପାରେ ; ଭିକ୍ଷାର ପାତ୍ର ହୋଇପାରେ । ମୋର ପରିବାରରେ ଜନ୍ମ ଅତଏବ ମୁଁ ପାରିବାରିକ ସାହାଯ୍ୟ ପାଇବାରେ 'ହକ୍‌ଦାର' ଏହିପରି ଯୁକ୍ତି ଯେଉଁଠାରେ ପ୍ରବଳ ହୋଇଉଠେ, ସେଠାରେ ପାରିବାରିକ ସଂସାର ବହୁକ୍ଷଣ ସ୍ଥାୟୀ ରହେ ନାହିଁ ।

12. ଓଡ଼ିଆରେ ଅନୁବାଦ କର : 30

We thus see that the philosophy of the Bhagabata is intensely practical and affect all aspects of life. A thorough understanding of this philosophy can be had only by a study of the lives



www.freshersnow.com

of the great philosophers presented in it. They come from all walks and stages of life, from all classes of society, from both sexes, and from all age groups. But the greatest amongst them all is Sri Krishna, who, according to Swami Vivekananda, is the first great teacher in the history of the world to discover and proclaim the grand truth of love for love's sake and duty for duty's sake. Born in a prison, brought up by cowherds, subjected to all kinds of tyranny by the most despotic monarchy of the day, and derided by the orthodox, Krishna still rose to be the greatest saint, philosopher, and reformer of his age. All the greatest sages and the most immaculate saints of his time pay him divine honours; they consider him the best and most perfect among the spiritual men of the age, and with one voice acclaim him as divinity manifest on earth, looking up to him for light and guidance. To them, he is not only a vibhuti (an especial divine manifestation), vyuha (the four fold expression of Purusottama), bhagavattama or avatara, but also



www.freshersnow.com

the personal God and even absolute reality. In him we find the ideal householder and the idea sannyasin, the hero of a thousand battles who knew no defeat, the terror of despots, sycophants, hypocrites, sophists, and pretenders, the matter statesman, the uncrowned monarch, the king maker who had no ambition for himself. He was friend of the poor, the weak, and the distressed, the champion of the rights of women and of the social and spiritual enfranchisement of the sudra and even of the untouchables, and the perfect idea of detachment. In him again, we find the perfect harmony of jnana, bhakti and karma-of head, heart and hand. The philosophy of such a man cannot but be an inspiration to all who study it, and the Bhagabata which records and illustrates his teachings is, in the words of Sri Ramakrishna, 'Sweet as cake fried in the butter of wisdom and soaked in the honey of love'.



www.freshersnow.com